# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 23rd April - 2025

*********************************

## ମୁଖ୍ୟ ସମ୍ବାଦ

- ପହେଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସମ୍ପର୍କିତ କେନ୍ଦ୍ର କ୍ୟାବିନେଟ୍‌ର ବୈଠକ ଜାରି ।

- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୬ଟି ପ୍ରସ୍ତାବକୁ ମିଳିଲା ମଞ୍ଜୁରି ।

— ଓଡ଼ିଶା ଅବକାରୀ ନିୟମରେ ସଂଶୋଧନ; ଜରୁରୀକାଳୀନ ମେଡିକାଲ୍ ଆମ୍ବୁଲାନ୍ସ ସେବା ଯୋଜନା ଆରମ୍ଭ ପାଇଁ ନିଷ୍ପତ୍ତି ।

- ପଞ୍ଚାୟତିରାଜ ଦିବସ ଅବସରରେ ଆସନ୍ତାକାଲି ୫ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ରାସନ କାର୍ଡ଼ ବଣ୍ଟନ କରିବେ ମୁଖ୍ୟମନ୍ତ୍ରୀ ।

— ସୁଭଦ୍ରା ଯୋଜନାର ହିତାଧିକାରୀ ପାଇବେ ଷଷ୍ଠ ପର୍ଯ୍ୟାୟ ସହାୟତା ରାଶି ।

ଏବଂ

- ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗି ରହିଛି ପ୍ରବଳ ଗ୍ରୀଷ୍ମ ପ୍ରବାହ; ୨୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର ।

***Desk***

# ଶ୍ରୀନଗର - ଆତଙ୍କୀ ଆକ୍ରମଣ

ଜମ୍ମୁ-କାଶ୍ମୀର୍‌ର ପହେଲ୍‌ଗାମ୍‌ଠାରେ ଆତଙ୍କବାଦୀ ଆକ୍ରମଣ ଘଟଣାରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସମ୍ପର୍କିତ କେନ୍ଦ୍ର କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଜାରି ରହିଛି । ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସମେତ ବରିଷ୍ଠ ଅଧିକାରୀମାନେ ସାମିଲ୍ ହୋଇଥିବା ଜଣାପଡ଼ିଛି ।

ଏହା ପୂର୍ବରୁ ନୂଆଦିଲ୍ଲୀରେ ଭାରତୀୟ ବାୟୁସେନା ପକ୍ଷରୁ ଆୟୋଜିତ ମାର୍ଶାଲ୍ ଅର୍ଜନ୍ ସିଂହ ସ୍ମାରକୀ ବକ୍ତୃତାରେ ଉଦ୍‌ବୋଧନ ଦେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ଆତଙ୍କବାଦ ବିରୋଧରେ ଭାରତ ଶୂନ୍ୟ ସହନଶୀଳତା ନୀତି ଆପଣାଇବା ଉପରେ ଗୁରୁତ୍ୱ ଦେଉଛି । ପହଲ୍‌ଗାମ୍ ଆତଙ୍କବାଦ ଆକ୍ରମଣକାରୀଙ୍କୁ ଦୃଢ଼ ଜବାବ ଦିଆଯିବ । ଏହିଭଳି ଆକ୍ରମଣକୁ ପ୍ରତିହତ କରିବା ଲାଗି ସରକାର ସବୁପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି । ଆତଙ୍କବାଦୀ ଆକ୍ରମଣକୁ ସେ ଦୃଢ଼ ନିନ୍ଦା କରିବା ସହ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରବର୍ଗଙ୍କ ପ୍ରତି ଶ୍ରୀ ସିଂହ ସମବେଦନା ଜଣାଇଛନ୍ତି ।

***Voice :........ (Rajnath)***

ସୂଚନା ଅନୁସାରେ, ଜାତୀୟ ତଦନ୍ତକାରୀ ସଂସ୍ଥା - ଏନ୍.ଆଇ.ଏ.ର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି । ନିର୍ଭରଯୋଗ୍ୟ

ସରକାରୀ ସୂତ୍ରରୁ ମିଳିଥିବା ଖବର ଅନୁସାରେ, ଜମ୍ମୁ-କାଶ୍ମୀର୍‌ର ପହଲ୍‌ଗାମଠାରେ ଗତକାଲି ଆତଙ୍କବାଦୀ ଆକ୍ରମଣରେ ୨ ଜଣ ଯବାନଙ୍କ ସମେତ ୨୬ ଜଣ ପର୍ଯ୍ୟଟକ ପ୍ରାଣ ହରାଇଛନ୍ତି ।

***Desk***

# କ୍ୟାବିନେଟ୍ ବୈଠକ

ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୫ଟି ବିଭାଗର ୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । କ୍ୟାବିନେଟ୍‌ରେ ଅଙ୍ଗନୱାଡ଼ି ସୁପରଭାଇଜରଙ୍କ ପାଇଁ ସର୍ବନିମ୍ନ ଯୋଗ୍ୟତାକୁ ମାଟ୍ରିକ୍‌ରୁ ସ୍ନାତକ କରାଯାଇଛି । ସେହିଭଳି ଅନୁସୂଚିତ ଜାତି ଓ ଜନଜାତି କ୍ୟାଡ଼ର୍ ପୁନର୍ଗଠନପାଇଁ ନିଷ୍ପତ୍ତି ହୋଇଛି । ବୈଠକରେ ବୈତରଣୀ ନଦୀର ଉତ୍ତର ଓ ଦକ୍ଷିଣ ପାର୍ଶ୍ୱରେ ୧୦୮ କୋଟି ଟଙ୍କା ବ୍ୟୟରେ କେନାଲ ନିର୍ମାଣକୁ ମଞ୍ଜୁରି ମିଳିଛି । ଓଡ଼ିଶା ଅବକାରୀ ନିୟମ-୨୦୧୭ର ନିୟମ ୭୯ରେ ସଂଶୋଧନ ଅଣାଯାଇ 'ଡିଷ୍ଟିଲାରି ଓ ଅନ୍ୟାନ୍ୟ ଉତ୍ପାଦନ ୟୁନିଟ୍'ରେ କାର୍ଯ୍ୟ କରିବାର ନିୟନ୍ତ୍ରଣ ବିଷୟରେ ଉଲ୍ଲେଖ କରାଯାଇଛି ।

ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଓ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ସମନ୍ୱିତ ରୋଗୀ ପରିବହନ ଓ ସ୍ୱାସ୍ଥ୍ୟ

ସହାୟତା ସେବା ଅନ୍ତର୍ଗତ ଜରୁରୀକାଳୀନ ମେଡିକାଲ୍ ଆମ୍ବୁଲାନ୍ସ ସେବା ଯୋଜନା ଆରମ୍ଭ କରାଯାଇଛି । ଏଥିପାଇଁ ଆଗାମୀ ୫ ବର୍ଷରେ ୨ ହଜାର ୩୯୮ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

***Voice :........... (Manoj Ahuja)***

***Desk***

# ବିଦ୍ୟାଳୟ ବନ୍ଦ

ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଆଜିଠାରୁ ଅଙ୍ଗନୱାଡ଼ି କେନ୍ଦ୍ର, ଶିଶୁବାଟିକା ଏବଂ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିଷ୍ପତ୍ତି ଅନୁସାରେ, ମହାବିଦ୍ୟାଳୟ ଗୁଡ଼ିକରେ ପୂର୍ବ ନିର୍ଦ୍ଧାରିତ ପରୀକ୍ଷାଗୁଡ଼ିକ ଯଥା ସମୟରେ ହେବ। ଅଙ୍ଗନୱାଡ଼ି କେନ୍ଦ୍ରର ପିଲାମାନଙ୍କୁ ସେମାନଙ୍କ ଘରେ ଶୁଖିଲା ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗ୍ରୀଷ୍ମ ପ୍ରବାହ ସ୍ଥିତିର ସମୀକ୍ଷା କରିବା ପରେ ଏହି ନିଷ୍ପତ୍ତି ନେଇଛନ୍ତି।

*Desk*

## ଏନ୍.ଏ.ସି. ଗଠନ ପ୍ରକ୍ରିୟା

ରାଜ୍ୟରେ ନୂତନ ବିଜ୍ଞପିତ ଅଞ୍ଚଳ ପରିଷଦ - ଏନ୍.ଏ.ସି. ଗଠନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି । ଏ ସମ୍ପର୍କରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ବିଭିନ୍ନ ଜିଲ୍ଲାରୁ ୨୦ଟି ନୂଆ ଏନ୍.ଏ.ସି. ଗଠନପାଇଁ ରିପୋର୍ଟ ଆସିଛି । ଏହିସବୁକୁ ତର୍ଜମା ପାଇଁ ପଞ୍ଚାୟତିରାଜ ବିଭାଗକୁ ପଠାଯାଇଛି । ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ନୂତନ ଏନ୍.ଏ.ସି. ଗଠନ ହେବ ବୋଲି ମନ୍ତ୍ରୀ କହିଛନ୍ତି ।

*Puri, BBSR/R*

## ପଞ୍ଚାୟତିରାଜ ଦିବସ

ପୁରୀ ତାଳବଣିଆଠାରେ ଆସନ୍ତାକାଲି ପଞ୍ଚାୟତିରାଜ ଦିବସ ପାଳନ କରାଯିବ। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ରାଜ୍ୟର ୫ ଲକ୍ଷ ୯୦ ହଜାର ହିତାଧିକାରୀଙ୍କୁ ନୂଆ ରାସନ କାର୍ଡ ବଣ୍ଟନ ସହ ୧ ଲକ୍ଷ ୭୦ ହଜାର ସୁଭଦ୍ରା ଯୋଜନାର ହିତାଧିକାରୀଙ୍କୁ ଷଷ୍ଠ ପର୍ଯ୍ୟାୟ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

*IPR*

## ପ୍ରୋଜେକ୍ଟ ମନିଟରିଂ ଡ୍ୟାସ୍‌ବୋର୍ଡ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଲୋକସେବା ଭବନରେ ଆଜି ପୂର୍ତ୍ତ ବିଭାଗର ପ୍ରୋଜେକ୍ଟ ମନିଟରିଂ ଡ୍ୟାସ୍‌ବୋର୍ଡ୍‌ର ଉନ୍ମୋଚନ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ବ୍ୟବସ୍ଥାଦ୍ୱାରା ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ଠିକ୍ ସମୟରେ ତଦାରଖ ହେବା ସହ ନିର୍ଭୁଲ୍‌ଭାବେ କାର୍ଯ୍ୟକାରୀ କରାଯାଇପାରିବ । ଏହି ଉନ୍ନତ ଜି.ଆଇ.ଏଫ୍. ଡ୍ୟାସ୍‌ବୋର୍ଡ୍ ମାଧ୍ୟମରେ ସମସ୍ତ ପ୍ରକଳ୍ପର ସାର୍ବଜନୀନ ସମ୍ପତ୍ତି  ଏବଂ ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକର ସ୍ଥିତାବସ୍ଥା ଅନୁଧ୍ୟାନ କରିହେବ । ଡ୍ୟାସ୍‌ବୋର୍ଡ୍‌ରେ ଥିବା ଇସ୍ୟୁ ଟ୍ରାକର୍ ବ୍ୟବସ୍ଥାଦ୍ୱାରା ପ୍ରକଳ୍ପଗୁଡ଼ିକର ଜମି ଅଧିଗ୍ରହଣ, ଜଙ୍ଗଲଜମି ଏବଂ ଜବରଦଖଲରେ ବିଭିନ୍ନ ସମସ୍ୟା ସମ୍ପର୍କରେ ତଦାରଖ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ ।

*Ganjam/R*

## ଶତବାର୍ଷିକୀ ଉତ୍ସବ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୨୭ ତାରିଖ ରବିବାର ଦିନ ଗଞ୍ଜାମ ଜିଲ୍ଲା ଭୀମପୁର ଗ୍ରାମରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର

ଶତବାର୍ଷିକୀ ଉତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏନେଇ ଆଜି ଦକ୍ଷିଣାଞ୍ଚଳ ଆଇ.ଜି. ନୀତିଶେଖର ଓ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଶ୍ରବଣା ବିବେକ ଏମ୍. ସ୍କୁଲ୍ ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥାକୁ ଅନୁଧ୍ୟାନ କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

***Khurda/R***

# ଉନ୍ନୟନ କମିଟି ବୈଠକ

ଖୋର୍ଦ୍ଧା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବେଗୁନିଆ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ବିଧାୟକ ଶ୍ରୀ ସାହୁଙ୍କ ଏହା ଦ୍ୱିତୀୟ ବୈଠକ ହୋଇଥିବାବେଳେ ପ୍ରଥମ ବୈଠକର କାର୍ଯ୍ୟକାରିତା ଉପରେ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ସେ ପଚାରି ବୁଝିଥିଲେ । ଏହାସହ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜଳକ୍ଲିଷ୍ଟ ଅଞ୍ଚଳଗୁଡ଼ିକରେ ପାନୀୟ ଜଳ ସମସ୍ୟା ଦୂର ଏବଂ ବୋଲଗଡ଼-ବେଗୁନିଆ ଅଞ୍ଚଳରେ ଭୂତଳ ଜଳ ନିମ୍ନଗାମୀ ହେଉଥିବାରୁ ଏନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

*Desk*

# ବ୍ରେକ୍ ଥ୍ରୁ ପୁରସ୍କାର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫ ପାଇଁ ମୌଳିକ ପଦାର୍ଥ ବିଜ୍ଞାନରେ 'ବ୍ରେକ୍ ଥ୍ରୁ' ପୁରସ୍କାରରେ ସମ୍ମାନିତ ହୋଇଥିବା ଓଡ଼ିଶାଭିତ୍ତିକ ପ୍ରତିଷ୍ଠାନର ୮ ଜଣ ବୈଜ୍ଞାନିକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ବିଶ୍ୱର ୧୩ ହଜାର ୫୦୮ ଜଣ ଗବେଷକଙ୍କ ମଧ୍ୟରେ ସ୍ଥାନ ପାଇଥିବା ଓଡ଼ିଶାର ଏହି ପ୍ରତିଭାବାନ୍ ବୈଜ୍ଞାନିକମାନେ ଆଗାମୀ ଦିନରେ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ଅନେକ ନୂତନତ୍ୱ ଆଣିବେ । ସେମାନଙ୍କ ପ୍ରତିଭା ଓ ସମର୍ପଣ ଦେଶବ୍ୟାପୀ ଯୁବ ବୈଜ୍ଞାନିକମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି ।

*Desk*

# ସିଭିଲ୍ ଜଜ୍‌କୋର୍ଟ

ଉଚ୍ଚନ୍ୟାୟାଳୟର ପରାମର୍ଶକ୍ରମେ ରାଜ୍ୟରେ ଆଉ ୩ଟି ନୂଆ ସିଭିଲ୍ ଜଜ୍‌କୋର୍ଟ ସ୍ଥାପନ କରାଯାଇଛି। ବାଲେଶ୍ୱର ଜିଲ୍ଲାର ବାଲିଆପାଳ, ସୁନ୍ଦରଗଡ଼ର ଲେଫ୍ରିପଡା ଓ ସମ୍ବଲପୁରର ରେଙ୍ଗାଲିଠାରେ କୋର୍ଟଗୁଡ଼ିକ ସ୍ଥାପନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମତି ଦେବା ପରେ ବିଜ୍ଞପ୍ତି ପ୍ରକାଶ ପାଇଛି।

***Desk***

# ବନକଲାଗି

ବୈଶାଖ କୃଷ୍ଣ ଦଶମୀ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେଉଛି । ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୫ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି ।

***Boudh/R***

# ପୋଷଣପକ୍ଷ

ବୌଦ୍ଧ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ପୋଷଣ ପକ୍ଷ ପାଳିତ ହୋଇଯାଇଛି । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଏଥିରେ ଯୋଗଦେଇ ପୋଷଣର ଗୁରୁତ୍ୱ ଏବଂ ଅପପୁଷ୍ଟି ଦୂର କରିବାପାଇଁ ୪ଟି ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

***Desk***

# ପୁସ୍ତକ ଦିବସ

ପୁସ୍ତକର ମହତ୍ତ୍ୱ ବିଷୟରେ ସର୍ବସାଧାରଣଙ୍କୁ ଅବଗତ କରାଇବାପାଇଁ ଆଜି 'ବିଶ୍ୱ ପୁସ୍ତକ ଏବଂ ସତ୍ତ୍ୱାଧିକାର ଦିବସ' ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ନିଜସ୍ୱ ଭାବେ ଅଧ୍ୟୟନ' । ପ୍ରତିବର୍ଷ ଏପ୍ରିଲ୍ ମାସ ୨୩ ତାରିଖକୁ ୟୁନେସ୍କୋ ପକ୍ଷରୁ ଏହି ଦିବସ ପାଳନ କରାଯାଉଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦିବସର ଶୁଭେଚ୍ଛା ଜଣାଇବା ସହ ପୁସ୍ତକର ଅନନ୍ତ ସୃଜନଶୀଳତାକୁ ପାଳନ କରିବା ଲାଗି ଆହ୍ୱାନ ଦେଇଛନ୍ତି। ପୁସ୍ତକ ପଠନ ସମସ୍ତଙ୍କୁ ସଶକ୍ତ କରିବା ସହ ନବସୃଜନ ଓ ସଂସ୍କୃତିର ସଂରକ୍ଷଣ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

***Boudh/R***

# ଅଂଶୁଘାତ ସଚେତନତା

ବୌଦ୍ଧ ଜିଲ୍ଲା କଣ୍ଟାମାଳଠାରେ ଜୁନିୟର୍ ରେଡ୍‌କ୍ରସ୍ ପକ୍ଷରୁ ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଟାଣଖରାରେ ବାହାରକୁ ନ ବାହାରିବା, ଜରୁରୀ କାମ ଥିଲେ କଳାଚଷମା, ପାଣିବୋତଲ, ଓଦାଗାମୁଛା, ଛତା ଓ ଜୋତାର ବ୍ୟବହାର ଉପରେ ସଚେତନ କରାଯାଇଥିଲା ।

*Desk*

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗ୍ରୀଷ୍ମର ପ୍ରକୋପ ବୃଦ୍ଧି ପାଇବା ନେଇ ଝାରସୁଗୁଡ଼ା, ବୌଦ୍ଧ, ବଲାଙ୍ଗିର, ସୁନ୍ଦରଗଡ଼, ସମ୍ବଲପୁର ଏବଂ ସୁବର୍ଣ୍ଣପୁର ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି କଟକ ଓ ଖୋର୍ଦ୍ଧା ସମେତ ୧୮ଟି ଜିଲ୍ଲାରେ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ ଆଜି ୧୬ଟି ସହରର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ଉପରେ ରେକର୍ଡ଼ ହୋଇଛି । ଝାରସୁଗୁଡ଼ାରେ ସର୍ବାଧିକ ତାପମାତ୍ରା ୪୫ ଦଶମିକ ୫ ଡିଗ୍ରୀ ସେଲସ୍‌ସିୟ୍ ରହିଥିବାବେଳେ ଟିଟିଲାଗଡ଼ର ତାପମାତ୍ରା ୪୪ ଡିଗ୍ରୀ ସେଲ୍‌ସିୟସ୍ ରହିଛି ।

*****